ଓଡିଶା ସରକାର

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

## ପ୍ରସ୍ତାବିତ ଓଡିଶା ରାଜ୍ୟ ଖାଦ୍ୟ ସୁରକ୍ଷା ନିୟମାବଳୀ,2017 ( Odisha State Food Security Rules,2017 ) ଉପରେ ସର୍ବସାଧାରଣଙ୍କ ମତାମତ ଆହ୍ୱାନ

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍,2013 (National Food Security Act,2013) ଅନ୍ତର୍ଗତ ସାଧାରଣ ବଣ୍ଟନ ବ୍ୟବସ୍ଥା କୁ ସୁସଂଗଠିତ କରିବା ପାଇଁ ରାଜ୍ୟ ସରକାର ଓଡିଶା ରାଜ୍ୟ ଖାଦ୍ୟ ସୁରକ୍ଷା ନିୟାମାବଳୀ,2017 ( Odisha State Food Security Rules,2017) ପ୍ରଣୟନ କରିବା ପାଇଁ ସ୍ଥିର କରିଛନ୍ତି । ଏହି ନିୟମାବଳୀ ଅଧିସୂଚନା (Notification) ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଖାଦ୍ୟ ଯୋଗାଣ ଓ ଖଉଟି କଲ୍ୟାଣ ବିଭାଗର website : www.foododisha.in ରେ ଉପଲବ୍ଧ କରାଯାଇଛି ।

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଜାରି କରାଯାଇଥିବା ଅଧିସୂଚନା (Notification ) ଉପରେ ଯଦି କାହାର କୌଣସି ମନ୍ତବ୍ୟ, ମତାମତ କିମ୍ବା ପ୍ରସ୍ତାବ ଥାଏ, ତାହା ନିମ୍ନ ଠିକଣା ରେ କିମ୍ବା Email Id: domains.pmutpds@gmail.com ରେ ଆସନ୍ତା 18.08.2017 ସୁଦ୍ଧା ଦାଖଲ କଲେ, ସେ ଗୁଡିକ ଉପରେ ଯଥୋଚିତ ବିଚାର କରାଯାଇ ଚୂଡାନ୍ତ ନିୟମାବଳୀ ପ୍ରକାଶ କରାଯିବ ।

ଯୁଗ୍ମ ଶାସନ ସଚିବ
ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ,
ରାଜ୍ୟ ସଚିବାଳୟ, ଓଡିଶା, ଭୂବନେଶ୍ୱର